# Akashvani, Sambalpur

## SAMBALPURI NEWS BULLETIN

### 25 December 2025 – 6.47- 6.52 am.

***********************************************

ପ୍ରଧାନ୍‌ମନ୍ତ୍ରୀ- ବାଜପେୟୀ ଜୟନ୍ତୀ I&PR

ଆଘର୍ ପ୍ରଧାନ୍‌ମନ୍ତ୍ରୀ ଭାରତ୍‌ରତ୍ନ ସ୍ୱର୍ଗତ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଶହେ ୧ ନମ୍ବର୍ ଜୟନ୍ତୀ ଆର୍ ସୁଶାସନ୍ ଦିବସ୍ ପାଳନ୍ କରାଯାଉଛେ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଉତର୍‌ପ୍ରଦେଶ୍‌ର ଲକ୍ଷ୍ନୌ ଯାଇକରି ରାଷ୍ଟ୍ର ପ୍ରେରଣାସ୍ଥଲ୍‌ର ଉଦ୍‌ଘାଟନ୍ କର୍‌ବାର୍ ସହେତେ ଜନସଭାକେ ଉଦ୍‌ବୋଧନ୍ ଦେବେ ।

ବାଜପେୟୀଙ୍କର୍ ଶହେ ୧ ନମ୍ବର୍ ଜୟନ୍ତୀ ଆର୍ ସୁଶାସନ୍ ଦିବସ୍ ଅବ୍‌ସରେ ସୂଚନା, ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସଖାଲର୍ ୧୦ ବାଜିକରି ୧୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ଏମ୍ସ ଠାନେ ଥିବା ବାଜପେୟୀଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରାଯିବା । ୧୧ ବାଜିକରି ୧୫ ମିନିଟ୍‌ଥି ଓୟୁଏଟି କୃଷି ଶିକ୍ଷା ସଦନ୍ ନ ଫଟୋ ପ୍ରଦର୍ଶନୀ ହେବା । ସାଢ଼େ ୧୧ ବଜେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବଡ଼ଦିନ        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ବଡ଼ଦିନ। ପୃଥିବୀ ପୃଷ୍ଠକେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆସିଛନ୍। ହେଥିର୍‌ଲାଗି ରାଜ୍ୟର୍ ସବୁ ଜାଗା ସହେତେ ସାରା ଦେଶେ କାର୍ଯ୍ୟକ୍ରମ୍ ମାନ ଚାଲିଛେ। ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କର୍ ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍। ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ସମୃଦ୍ଧ ଆଉ ସଶକ୍ତ ଓଡ଼ିଶା ଗଠନ୍ ଲାଗି ସମ୍‌କର୍ ସହଯୋଗ୍ କାମନା କରିଛନ୍।

ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ସହେତେ ରାଏଜେ ଜାକ୍‌ଜମକ୍‌ଥି ବଡ଼ଦିନ୍ ପାଳନ୍ କରାଯାଉଛେ। ଚର୍ଚ୍ଚମାନ୍‌କେ ରଙ୍ଗିନ୍ ଲାଇଟ୍‌ଥି ସଜାଯାଇଛେ। ଗଲାକାଏଲ୍ ଅଧ୍‌ରାତିନୁ ଚର୍ଚ୍ଚ ମାନ୍‌କୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧରାବତରଣ୍‌କେ ସ୍ୱାଗତ୍ କରାଯାଇକରି ଖାସ୍ ପ୍ରାର୍ଥନା କରାଯାଇଛେ। ବଡ଼ଦିନ୍ ଅବ୍‌ସରେ ଚର୍ଚ୍ଚମାନ୍‌କୁ ଆଏଜ୍ ଦିନ୍‌ସାରା କାର୍ଯ୍ୟକ୍ରମ୍‌ମାନ୍ ହେବା।

ରାଜ୍ୟ କେବିନେଟ୍ ବୈଠକ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍‌ଥି ୭ ଟା ବିଭାଗ୍‌ର ୧୦ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଳିଛେ । ସେଥିର୍ ଭିତ୍‌ରୁ ଗୁଟେ ପ୍ରସ୍ତାବ୍ ସପ୍ତଦଶ ବିଧାନ୍‌ସଭାର୍ ୫ ନମ୍ବର୍ ଅଧିବେଶନ୍‌ର ସତ୍ରାବସାନ ବାବଦ୍ ଥିଲା । ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜ୍‌ନାଥି ପ୍ରକଳ୍ପ ଚୟନ୍ ବେଲ୍‌କେ ସ୍ୱଚ୍ଛତା ଆନ୍‌ବାର୍ ଲାଗି ନୂଆଁ ବ୍ୟବସ୍ଥାକେ କେବିନେଟ୍ ମୋହର୍ ମିଲିଛେ । ରାଜ୍ୟର୍ ୨୫ ଝନ୍ ବରପୁତ୍ରଙ୍କର୍ ଜନ୍ମସ୍ଥାନ୍‌ର ଉନ୍ନତି ଆଉ ସଂଗ୍ରହାଳୟ ଲାଗି ୩ ଶହ ୪୫ କୋଟି ଟଙ୍କା ଅନୁମୋଦନ୍ କରାଯାଇଛେ । ୫ ଟା ସର୍‌କାରୀ ଆଇଟିଆଇର ଉନ୍ନତିକରଣ୍, ବିଶ୍ୱବିଦ୍ୟାଳୟ ନ ଶିକ୍ଷକ୍ ନିଯୁକ୍ତିଥି ଏକକ ସଂରକ୍ଷଣ୍ ନୀତି, ୩ ଟା ଜଲ୍‌ସେଚନ୍ ପ୍ରକଳ୍ପ ଟେଣ୍ଡର୍, ୨ କିଲୋୱାଟ୍ ଲାଗି ସ୍ମାର୍ଟ ମିଟର୍ ଭଡ଼ା ଛାଡ଼୍ ପ୍ରସ୍ତାବ୍‌କେ କେବିନେଟ୍‌ର ଅନୁମୋଦନ୍ ମିଳିଛେ ।

ମୁଖ୍ୟମନ୍ତ୍ରୀ- ଧାନ୍ ଘିନା ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ରାଏଜେ ଚାଲିଥିବା ଚଲିତ୍ ଖରିଫ୍ ଧାନ୍ ଘିନାର୍ ସମୀକ୍ଷା କରିଛନ୍ । ଜାନୁଆରୀ ୧୦ ତାରିଖ୍‌ତକ୍ ସବୁ ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ମୁଲ୍

କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ଚାଲିଛେ ଆଉ ୧୭ ଟା ଜିଲ୍ଲା ନ ଟୋକନ୍ ଦେବାର୍‌ଟା ସରିଛେ । ଏବ୍‌ତକ୍ ୧ ଲାଖ୍ ୧୧ ହଜାର୍ ଶହେ ୨୮ ଝନ୍ ଚାଷୀ ୪ ଲାଖ୍ ୯୭ ହଜାର୍ ୫ ଶହ ୯୪ ମେଟ୍ରିକ୍ ଟନ୍ ଧାନ୍ ବିକିଛନ୍ । ରାଏଜେ ଧାନ୍ ଘିନା ପ୍ରକ୍ରିୟାଥି ସ୍ୱଚ୍ଛତା ସୁନିଶ୍ଚିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ନିର୍ଦ୍ଦେଶ୍ ଦେଇଛନ୍ ।

ଇକୋନୋମିକ୍ ରିଜିଅନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଏଜେ ଇକୋନୋମିକ୍ ରିଜିଅନ୍ ଗଠନ୍ ଲାଗି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଭୁବ୍‌ନେଶ୍ୱର୍-କଟକ୍, ପୁରୀ, ପାରାଦ୍ୱୀପ୍‌କେ ନେଇକରି ଗୁଟେ ଇକୋନୋମିକ୍ ରିଜିଅନ୍ ଗଠନ୍ ଲାଗି ନିଷ୍ପତି ନିଆଯାଇଛେ । ଇ ଇକୋନୋମିକ୍ ରିଜିଅନ୍‌ଥି ୩ ଟା ରିଂରୋଡ୍ ତିଆର୍ ହେବା । ଯେନ୍‌ଟାକି ୬ ଶହ ୪୫ କିଲୋମିଟର୍‌ତକ୍ ଲମ୍‌ବା ।

ଆରାବଲୀ ସୁରକ୍ଷା        ପି.ଆଇ.ବି.

ଦିଲ୍ଲୀ ନୁ ଗୁଜୁରାଟ୍ ତକ୍ ବ୍ୟାପିଥିବା ଆରାବଳୀ ପର୍ବତ୍ ମାଳାକେ ବେଆଇନ୍ ଖଣି ଖନନ ନୁ ସୁରକ୍ଷା ଦେବେ କେନ୍ଦ୍ର ସର୍କାର୍ । ଆରାବଳୀ ନ ନୂଆଁ ଖଣି ଖନନ ଅନୁମତି ଦେବାର୍ ଉପ୍ରେ ପୁରାପୁରି ରୋକ୍ ଲଗାବାର୍କେ କେନ୍ଦ୍ର ସର୍କାର୍ ଗଲାକାଏଲ୍ ନିର୍ଦ୍ଦେଶ୍ନାମା ଜାରି କରିଛନ୍ । କେନ୍ଦ୍ର ପରିବେଶ୍, ଜଲ୍ବାୟୁ ପରିବର୍ତନ୍ ମନ୍ତ୍ରଣାଳୟ ତର୍ଫୁ ଇ ବାବ୍ଦେ ସମ୍ପୃକ୍ତ ରାଜ୍ୟମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍ସହେତେ ଆରାବଳୀ ସଂରକ୍ଷିତ କ୍ଷେତ୍ର ପରିସର୍କେ ଆହୁରି ବଢ଼ାବାର୍ ଦିଗେ ସର୍କାର୍ ପଦକ୍ଷେପ୍ ନେବେ ।

କୋଟିଆ- ରାଜସ୍ୱ ମନ୍ତ୍ରୀ I&PR

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍ନେଶ୍ୱର୍ ନ କୋରାପୁଟ୍ର କୋଟିଆ ର୍ ଭିନ୍ ଭିନ୍ ବିଷେ ଉପ୍ରେ ସମୀକ୍ଷା କରାଯାଇଛେ । ବୈଠକ୍ର ସୂଚ୍ନା ଅନ୍ସାରେ ରାଜ୍ୟସ୍ତରର୍ ବରିଷ୍ଠ ଅଧିକାରୀମାନେ ଭିନ୍ ଭିନ୍ ସମିଆଥି କୋଟିଆ ପରିଦର୍ଶନ୍ଥି ଯିବେ । ଆଏବା ଶିକ୍ଷା ବଛର୍ ଆଘୋନୁ କୋଟିଆର୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନ ଛାତ୍ରାବାସ୍ ତିଆର୍ କାମ୍ ଶେଷ୍ ହେବା । ସେନର୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର୍ ରୂପାନ୍ତରଣ୍ କାମ୍ ଉପ୍ରେ ଜୋର୍ ଦିଆଯିବା ।

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉତ୍ସବ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ପହେଲା ଦିନେ ଗଲାକାଏଲ୍ ୨ ଟା ନାଟକ୍ ପ୍ରଦର୍ଶିତ୍ ହେଇଥିଲା । ପହେଲା ନାଟକ୍ ବର୍‌ଗଡ୍ ବର୍‌ଡୋଲ୍‌ନୁ ଆସିଥିବା ଆତ୍ମପ୍ରକାଶ ନାଟ୍ୟସଂସ୍ଥା ତର୍‌ଫୁ 'ଏଆଇ-ଦେଲୁକେଁ ଭୁଲ୍‌କେଇ' ଆର୍ ଦୁଇ ନମ୍ବର୍ ନାଟକ୍ ବିଇଡି କଲେଜର ଛାତ୍ରଛାତ୍ରୀମାନେ କରିଥିବା 'ସମିଆର୍ ଡାକ୍' ପ୍ରଦର୍ଶିତ୍ ହେଇଥିଲା ।

ଜାତୀୟ ପେସା ମହୋତ୍ସବ I&PR

ଜାତୀୟ ପେସା ମହୋତ୍ସବ୍-୨୦୨୫ ଥି ଓଡ଼ିଶାର୍ ପ୍ରତିଯୋଗୀମାନେ ଐତିହାସିକ୍ ସଫଲତା ଆନିଛନ୍ । ଇଥି ଓଡ଼ିଶାର୍ ୭ ଟା ଜିଲ୍ଲାର୍ ଶହେ ୮ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । ଓଡ଼ିଶାକେ ପୁରୁଷ କବାଡ଼ିଥି ରୌପ୍ୟ, ମହିଳା କବାଡ଼ିଥି କାଂସ୍ୟ ଆଉ ମହିଳା ତୀରନ୍ଦାଜ୍

ପ୍ରତିଯୋଗିତାଥି କାଂସ୍ୟ ପଦକ୍ ମିଳିଛେ । ମହୋତ୍ସବ୍‌ଥି ଓଡ଼ିଶାର୍ ହସ୍ତଶିଳ୍ପ ଆଉ ପାରମ୍ପାରିକ୍ ଖାଦ୍ୟ ସମ୍‌କୁ ଆକର୍ଷିତ୍ କରିଥିଲା ।

ସ୍ୱାସ୍ଥ୍ୟ ବିଭାଗ୍- ସମୀକ୍ଷା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମୁଖ୍ୟାଳୟ ନ ସ୍ୱାସ୍ଥ୍ୟ ବିଭାଗ୍‌ର ମାସିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଜନସେବା ଦିଗେ ସମର୍ପିତ୍ ଭାବ୍ ରଖିକରି ରୋଗୀସେବାକେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ଇ ଅବ୍‌ସରେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ପାଣିପାଗ              ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ି ହେବାର୍ ନେଇକରି ସମ୍ବଲ୍‌ପୁର, ସୁବର୍ଣ୍ଣପୁର, ସୁନ୍ଦର୍‌ଗଡ୍, ଢେଙ୍କାନାଲ୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।